# ଜନତା ଦଳର ଅଳଙ୍କରଣ

୧୬/୧୦/୧୯୮୮

ସଂସଦୀୟ ଗଣତନ୍ତ୍ରରେ ବିରୋଧୀ ଦଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଦୀର୍ଘ ୪୦ ବର୍ଷର ଅଭିଜ୍ଞତାରୁ ଆମ ଗଣତନ୍ତ୍ରର ଏ ସମ୍ପର୍କୀୟ ଦୁର୍ବଳତା ଉଣାଅଧିକେ ସମସ୍ତେ ଅନୁଭବ କରିଛନ୍ତି । ସେଥିପାଇଁ ଯେତେବେଳେ ବହୁ ଭାବରେ ବିଭାଜିତ ବିରୋଧୀଦଳ ଗୁଡ଼ିକ ମିଳିତ ହୋଇ ଏକ ସୁଦୃଢ଼ ବିରୋଧୀ ଦଳର କଳ୍ପନା କରନ୍ତି ଏବଂ ତଦ୍ଦ୍ୱାରା ଏକ ସମ୍ଭାବ୍ୟ ବିକଳ୍ପର ସୂଚନା ଦିଅନ୍ତି ସେତେବେଳେ ଅଧିକାଂଶ ସଚେତନ ନାଗରିକ ଦଳମତ ନିର୍ବିଶେଷରେ ଏହାକୁ ସ୍ୱାଗତ କରିଥାଆନ୍ତି । ସେହି କାରଣରୁ ବାଙ୍ଗାଲୋର ସମ୍ମିଳନୀ ସ୍ୱାଗତଯୋଗ୍ୟ ଥିଲା ଓ ଏହା ଯେଉଁ ସମ୍ଭାବନା ଓ ଆଶାର ସଞ୍ଚାର କରିଥିଲା ତାହା ବହୁ ସଚେତନ ନାଗରିକଙ୍କୁ ଉତ୍ସାହିତ ଏବଂ ଉତ୍କଣ୍ଠିତ କରିଥିଲା ।

କିନ୍ତୁ ଗତ ୧୧ ତାରିଖରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜନ୍ମତିଥିରେ ଅନୁଷ୍ଠିତ ବାଙ୍ଗାଲୋର ଅଧିବେଶନରେ ଯାହା ଘଟିଲା ତାହା ବାସ୍ତବିକ ପ୍ରଣିଧାନଯୋଗ୍ୟ । ଏହି ଅଧିବେଶନରେ ପ୍ରସ୍ତାବିତ ନୂତନ 'ଜନତା ଦଳ'କୁ ଆମେ ସ୍ୱାଗତ କରୁଛୁ ସିନା ନିଃସଙ୍କୋଚରେ ଏହାକୁ ଗ୍ରହଣ କରି ହେଉନାହିଁ ।

ଅଧିବେଶନ ପୂର୍ବରୁ ଜାତୀୟ ବିକଳ୍ପର ଯେଉଁ ସମ୍ଭାବନା ଏବଂ ସୂତ୍ରର ସୂଚନା ମିଳୁଥିଲା, ତାହା ସଂଗଠିତ ହୋଇପାରିଲା ନାହିଁ । ସ୍ଥୂଳ ରାଜନୈତିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ, ଜନତା ଦଳର ନବକଳେବର ଜାତୀୟ ରାଜନୀତି ଦୃଷ୍ଟିରୁ ସେପରି କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ କଲା ବୋଲି କହି ହେବ ନାହିଁ । କୁହାଯାଉଥିଲା, ଚାରିଗୋଟି ଦଳ ମିଳିତ ଭାବେ ଗୋଟିଏ ବୃହତ୍ତର ଜାତୀୟ ଦଳରେ ସମ୍ମିଳିତ ହେବେ । ଜନମୋର୍ଚ୍ଚା, ଲୋକଦଳ, କଂଗ୍ରେସ (ଏସ୍) ଏବଂ ଜନତା ସମସ୍ତେ ମିଶି ସମାଜବାଦୀ ଜନତା ଦଳ ଗଠନ କରିବେ । କିନ୍ତୁ ଯାହା ଘଟିଲା ତାହା ଜନତାଦଳର କେବଳ କିଛି ଅଳଙ୍କରଣ ହେଲାବୋଲି କହିବାକୁ ହେବ । ଲୋକଦଳ ପୂର୍ବରୁ ହିଁ ଦୁଇ ଭାଗରେ ବିଭକ୍ତ ହୋଇଥିଲା । ଅଜିତ ସିଂଙ୍କ ଗୋଷ୍ଠୀ ଏହା ଆଗରୁ ଜନତା ଦଳରେ ସାମିଲ ହୋଇସାରିଥିଲା । ବହୁଗୁଣାଙ୍କ ଗୋଷ୍ଠୀ କିନ୍ତୁ ସାମିଲ ହୋଇ ନ ଥିଲା । ତେଣୁ ଲୋକଦଳ ମିଶିଲା ବୋଲି ଯାହା କୁହାଯାଉଛି, ବହୁଗୁଣାଙ୍କର ଅନୁପସ୍ଥିତି ଏବଂ ଅଭିମାନ ଫଳରେ କେବଳ ଦେବୀଲାଲ ହରିଆନାର ତାଙ୍କର କେତେକ ସହଯୋଗୀଙ୍କ ସହ ମିଶିଲେ ବୋଲି କହିଲେ

## ଆମଘରର ହାଲଚାଲ

### ସୌମ୍ୟରଞ୍ଜନ ପଟ୍ଟନାୟକ

ଅତ୍ୟୁକ୍ତି ହେବ ନାହିଁ । ସେହିପରି ଜନମୋର୍ଚ୍ଚାର ସ୍ରଷ୍ଟା ବିଶ୍ୱନାଥ ପ୍ରତାପ ସିଂହ ନୂତନ ଦଳର ନେତୃତ୍ୱ ନେଲେ ସିନା ତାଙ୍କର ସହଯୋଗୀ ରାମଧନ ପୁଣି ଅଭିମାନରେ ଆସିଲେ ନାହିଁ । ଉନ୍ନିକ୍ରିଷ୍ଣନ୍ ଜନତା ଦଳ ଗଠନ ହେବାର ଅବ୍ୟବହିତ ପୂର୍ବରୁ କିଛି ଲୋକଙ୍କ ଦାଦାଗିରିର ପ୍ରତିବାଦରେ ଏଥିରେ ସାମିଲ ହେବେ ନାହିଁ ବୋଲି ଖୋଲ୍‌ଖୋଲ୍ ମନା କରିଦେଲେ । ପୁଣି ପୁରୁଣା ଜନତା ଦଳ ଭିତରେ ନୂଆ ଦଳକୁ ନେଇ ଯେଉଁ କନ୍ଦଳ ଦେଖାଦେଇଥିଲା ବିଶେଷକରି ଚନ୍ଦ୍ରଶେଖର ଏବଂ ହେଗ୍‌ଡେ ଗୋଷ୍ଠୀ ବୋଲି ଯେଉଁ ଦୁଇ ଗୋଷ୍ଠୀ ଏକରକମ ବେସାଲିସ ମନୋଭାବ ପୋଷଣ କରି ଆସିଥିଲେ ତାହା ଦୂର ହୋଇଯାଇଛି ବୋଲି ମଧ୍ୟ କହିହେବ ନାହିଁ । କାରଣ, ପୂର୍ବାହ୍ନରେ ଯେଉଁ ପୁରୁଣା ଜନତାଦଳର ବୈଠକ ଆହ୍ୱାନ କରାଯାଇଥିଲା ତାହା ମଧ୍ୟ ବସିପାରିଲା ନାହିଁ କି ନୂତନ ଦଳରେ ମିଶିବା ପ୍ରସ୍ତାବ ବିଧିବଦ୍ଧ ଭାବେ ଅନୁମୋଦନଲାଭ କରିପାରିଲା ନାହିଁ । ତେଣୁ କେଉଁ ଦୃଷ୍ଟିରୁ ଏ ପ୍ରକ୍ରିୟାକୁ ଉଲ୍ଲେଖନୀୟ ବୋଲି କୁହାଯିବ ? ଆମ ବିଚାରରେ ଜନତା ଦଳରେ ଭି.ପି. ସିଂହ, ଦେବୀଲାଲଙ୍କ ପରି ବ୍ୟକ୍ତିବିଶେଷଙ୍କ ଯୋଗଦାନ କଂଗ୍ରେସରେ ପ୍ରଣବମୁଖାର୍ଜୀ, ଆନ୍ତୁଲେ, ଶ୍ୟାମାଚରଣ ଶୁକ୍ଳ ଏବଂ ନନ୍ଦିନୀ ଶତପଥୀଙ୍କର ଯୋଗଦାନ ଠାରୁ ଅଧିକ ଉଲ୍ଲେଖନୀୟ ନୁହେଁ । ଏହାଛଡ଼ା ଜାତୀୟ ସ୍ତରରେ ଏକ ସର୍ବଭାରତୀୟ ଦଳ ହିସାବରେ ନୂଆ ଜନତା ଦଳ ଯେ ଏକ ବିକଳ୍ପ ହୋଇପାରିବ ସେ କଥା ମଧ୍ୟ କହିହେଉ ନାହିଁ । ବି.ଜେ.ପି., ସି.ପି.ଏମ୍. ଏବଂ ସି.ପି.ଆଇ. ତଥା ତେଲୁଗୁଦେଶମ୍ ଓ ଡି.ଏମ୍.କେ. ପରି ଆଞ୍ଚଳିକ ପ୍ରଭାବଶାଳୀ ଦଳ ମାନେ ଏବେ ମଧ୍ୟ ଜନତା ଦଳଠାରୁ ଅନେକ ଦୃଷ୍ଟିରୁ ବହୁଦୂରରେ । ଏମାନଙ୍କର ସହଯୋଗ ବିନା ଜାତୀୟ ସ୍ତରରେ କଂଗ୍ରେସ (ଇ)ର ଏକ ବିକଳ୍ପ ଦଳ ହେବା ସମ୍ଭବ ନୁହେଁ । କିନ୍ତୁ ନିକଟ ଅତୀତର ଅନୁଭୂତିରୁ ଏମାନଙ୍କର ସହଯୋଗ ଯେ ଅନାୟାସରେ ମିଳିପାରିବ ଏ ବିଶ୍ୱାସ ମଧ୍ୟ ହେଉ ନାହିଁ ।

ଏସବୁ ଅସମ୍ପୂର୍ଣ୍ଣତା ସତ୍ତ୍ୱେ ଜନତା ଦଳ ଗଠନକୁ ସ୍ୱାଗତ କରିବାକୁ ହେବ । କେବଳ ଏଇଥି ପାଇଁ ଯେ ଯେତେ ଅସମ୍ପୂର୍ଣ୍ଣ ହେଲେ ମଧ୍ୟ ବିରୋଧୀ ଦଳମାନଙ୍କୁ ଏକାଠି କରିବା ପାଇଁ ଏ ଦଶନ୍ଧିର ଏହା ପ୍ରଥମ ଓ ପ୍ରଧାନ ଆନୁଷ୍ଠାନିକ ପଦକ୍ଷେପ । ତା'ଛଡ଼ା ବିରୋଧୀ ଦଳର ଦୁର୍ବଳତାର ସୁଯୋଗ ନେଇ ଆତ୍ମସନ୍ତୋଷୀ ଉଦାସୀନ ରହିଆସିଥିବା କଂଗ୍ରେସ (ଇ) ନେତୃବୃନ୍ଦ ଏହାଦ୍ୱାରା ଅଧିକ ସଚେତନ ହେବେ । ସର୍ବୋପରି ଜନତା ଦଳର ଆଭିମୁଖ୍ୟ ଏବଂ କାର୍ଯ୍ୟକ୍ରମ ସମ୍ବନ୍ଧରେ ଯେଉଁ ପ୍ରାରମ୍ଭିକ ସୂଚନା ଏ ସମ୍ମିଳନୀରୁ ମିଳିଛି ଏଥିରେ ଆଗାମୀ ନିର୍ବାଚନରେ ସ୍ୱଳ୍ପ ସମୟ ଏବଂ ଅଳ୍ପ ସଂଗଠନ ମାଧ୍ୟମରେ କିପରି ଅଧିକରୁ ଅଧିକତର ଭୋଟରମାନଙ୍କୁ ଆକର୍ଷିତ କରିହେବ, ସେଥିପାଇଁ କିଛି ନୂଆ ସ୍ଲୋଗାନ୍ ତିଆରି ହୋଇଛି, ଏହା ମଧ୍ୟ ଆମର ନିର୍ବାଚନ– ସର୍ବସ୍ୱ ଗଣତନ୍ତ୍ରକୁ ଆଗାମୀ ଦିନଗୁଡ଼ିକରେ ନୂଆ ଉତ୍ତେଜନା ଆଣିଦେବ । ତେବେ ଏ ସମ୍ପର୍କରେ ଅଧିକ କିଛି କହିହେବ ଆଉ ୪ ସପ୍ତାହ ପରେ; ଯେତେବେଳେ ମିଳିତ ହୋଇଥିବା ଦଳଗୁଡ଼ିକ ଆନୁଷ୍ଠାନିକ ଭାବେ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେବେ ।